## ଗ୍ରାମୀଣ କୃଷି ମୌଷମ ସେବା, କ୍ଷେତ୍ରୀୟ କୃଷି ଉପଦେଶ ଏକକ, କିରେଇ
## ଆଞ୍ଚଳିକ ଗବେଷଣା ସଂପ୍ରସାରଣ ଉପକେନ୍ଦ୍ର,ସୁନ୍ଦରଗଡ
## ଓଡିଶା କୃଷି ଓ ବୈଷୟିକ ବିଶ୍ଵ ବିଦ୍ୟାଳୟ,ସୁନ୍ଦରଗଡ

*ସାପ୍ତାହିକ କ୍ରମିକ ସଙ୍ଖ୍ୟା : ୧୪ , ବୁଲେଟିନ ନମ୍ବର-୨୮, ତାରିଖ :୦୫।୦୪।୨୦୨୪,ଶୁକ୍ର ବାର*

**ଆସନ୍ତା ପାଞ୍ଚ ଦିନର ପାଣିପାଗ ସୂଚନା :**

ଆଗାମୀ ୦୬.୦୪.୨୦୨୪–୧୦.୦୪.୨୦୨୪,ଶନି ବାର – ବୁଧ ବାର ପର୍ଯ୍ୟନ୍ତ ସପ୍ତାହର ପାଣିପାଗ ଆଗାମୀ ପାଞ୍ଚ ଦିନରେ ଅତି ହାଲୁକା ରୁ ହାଲୁକା ଧରଣର ବର୍ଷା ହେବାର ସମ୍ଭାବନା ରହିଅଛି ।ସର୍ବାଧିକ ତାପମାତ୍ରା (୩୫-୪୧ $^{0}$C) ମଧ୍ୟରେ ରହିବାର ସମ୍ଭାବନା ରହିଛି ଓ ସର୍ବନିମ୍ନ ତାପମାତ୍ରା (୨୧-୨୫$^{0}$C ) ମଧ୍ୟରେ ରହିବାର ସମ୍ଭାବନା ରହିଛି ।ଆଗାମୀ ସପ୍ତାହର ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା (୨୨–୫୬%) ମଧ୍ୟରେ ଓ ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା (୯–୨୯%) ମଧ୍ୟରେ ରହିବାର ଭାରତ ପାଣିପାଗ ବିଭାଗ ,ଭୁବନେଶୋର ର ତଥ୍ୟ ଅନୁଯାୟୀ ପୂର୍ବାନୁମାନ କରାଯାଉଅଛି ।

| ଜିଲ୍ଲା | ତାରିଖ | ବର୍ଷା (ମି.ମି) | ସର୍ବାଧିକ ତାପମାତ୍ରା (ଡି.ସେ) | ସର୍ବନିମ୍ନ ତାପମାତ୍ରା (ଡି.ସେ) | ମେଘାଛନ୍ନ | ସର୍ବାଧିକ ଆପେକ୍ଷିକ ଆଦ୍ରତା (ପ୍ରତିଶତ) | ସର୍ବନିମ୍ନ ଆପେକ୍ଷିକ ଆଦ୍ରତା (ପ୍ରତିଶତ) | ବାୟୁ ର ବେଗ (କି.ମି. ପ୍ର.ଘ) | ବାୟୁ ର ଦିଗ (ଡି.ଗ୍ରୀ) |
|---|---|---|---|---|---|---|---|---|---|
| ସୁନ୍ଦରଗଡ | ୦୬-୦୪-୨୦୨୪ | ୦ | ୪୧ | ୨୫ | ୦ | ୨୨ | ୧୦ | ୧୦ | ୨୪୮ |
| | ୦୭-୦୪-୨୦୨୪ | ୨ | ୪୦ | ୨୪ | ୩ | ୨୨ | ୯ | ୧୨ | ୨୯୨ |
| | ୦୮-୦୪-୨୦୨୪ | ୧୦ | ୩୮ | ୨୩ | ୭ | ୪୨ | ୧୫ | ୧୦ | ୨୮୯ |
| | ୦୯-୦୪-୨୦୨୪ | ୧୫ | ୩୬ | ୨୨ | ୫ | ୫୬ | ୨୬ | ୧୧ | ୨୨୫ |
| | ୧୦-୦୪-୨୦୨୪ | ୦ | ୩୫ | ୨୧ | ୪ | ୫୬ | ୨୯ | ୮ | 225 |

### କୃଷି ପାଣିପାଗ ଉପଦେଠ

**ସାଧାରଣ ପରାମର୍ଶ : ବିଶେଷ ସତର୍କତା :** ଆଗାମୀ ପାଞ୍ଚ ଦିନରେ ସୁନ୍ଦରଗଡ ଜିଲ୍ଲାରେ ଅତିହାଲୁକା ଧରଣର ବର୍ଷା ହେବାର ସମ୍ଭାବନା ରହିଅଛି ।

**ମୁଗ :**

ମୁଗ ବୁଣିବାର ୨ ରୁ ୩ ସପ୍ତାହ ହୋଇଥିଲେ କୋଡାଖୁସା କରି ଘାସ ବାଛି ଦିଅନ୍ତୁ ଓ ଜଳ ସେଚନ କରନ୍ତୁ

ଏହି ସମୟରେ ସାହେବୀ ରୋଗ ଆକ୍ରମଣ କରିବାର ଅଧିକ ସମ୍ଭାବନା ରହିଛି ଏହାର ନିୟନ୍ତ୍ରଣ ପାଇଁ ୧୫ ଲିଟର ପାଣିରେ ୩ ଗ୍ରାମ ହିସାବରେ ଥାୟାମେଥୋକାମ ମିଶାଇ ସିଞ୍ଚନ କରନ୍ତୁ

ମୁଗ ଫସଲରେ ଅଗ ବିନ୍ଧାପୋକ ଲାଗି କଢ ସବୁ ଖାଇଯାଉଥିଲେ ଏହାର ନିରାକରଣ ପାଇଁ ପ୍ରତି ଲିଟର ପାଣିରେ ୨ ମିଲି ହିସାବରେ କ୍ଲୋରୋପାଇରିଫସ ମିଶାଇ ସିଞ୍ଚନ କରନ୍ତୁ

ମୁଗ ଫସଲରେ ସର୍ବୋଚ୍ଚ ଫୁଲ ଆସିବା ଅବସ୍ଥାରେ ଜଳସେଚନର ବ୍ୟବସ୍ଥା କରନ୍ତୁ

**ସୂର୍ଯ୍ୟାମୁଖୀ :**

ତାପମାତ୍ରା ବଢୁଥିବାରୁ ମାଟିର ବତରକୁ ଚାହିଁ ଜଳସେଚନ କରନ୍ତୁ

ଫଳବିନ୍ଧା ପୋକ ହେଲିକୋଭର୍ପା ମଥା ମଧ୍ୟରେ ପଶି ମଞ୍ଜି ଖାଇ ଦେଇଥାଏ ଏହାର ଦମନ ପାଇଁ ପ୍ରତି ଲିଟର ପାଣିରେ ୧ ମିଲି ହିସାବରେ ଲାମ୍ବଡାସାଇହାଲୋଥ୍ରିନ ମିଶାଇ ସିଞ୍ଚନ କରନ୍ତୁ

**ଅଦା :**ଅଦା ଫସଲ କୁ ଜଡାକାଣ୍ଡ ଓ ଫଳବିନ୍ଧା ପୋକ ସଂକ୍ରମଣ କରିଲେ ଇଣ୍ଡୋକ୍ସାକାର୍ବ ୧୪.୫%ଏସ.ସି./ନୋଭାଲୁରନ ୧୦%ଇ.ସି. /କ୍ଲୋରୋଫେନାପିର ୧୦% ଏସ.ସି. (୧ ଗ୍ରାମ / ମି.ଲି.)ଫ୍ଲୋବେଣ୍ଡିଆମାଇଡ ୦.୩ ଗ୍ରାମ.,କ୍ଲୋରାନ୍ଟ୍ରାନିଲିପ୍ରୋଲ ୧୮.୫% ଏସ.ସି. (୦.୫ଗ୍ରାମ/ମି.ଲି.) ୧ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ ।

**ଗ୍ରୀଷ୍ମ ଡାଲି :**

ପାଣିପାଗ ସର୍ବେକ୍ଷଣ ହେତୁ YMV ରୋଗର ସଂକ୍ରମଣ ଏବଂ ଏହାକୁ ପରିଚାଳନା କରିବା ପାଇଁ ରିଡୋମିଲ୍ MZ @ 2g / ଲିଟର ପାଣି ପ୍ରୟୋଗ କର |

**ଟମାଟୋ :**

ତାପମାତ୍ରା ବଢିବାର ସମ୍ଭାବନା ଥିବାରୁ ଟମାଟୋ ଫସଲରେ ରେ ଝାଉଁଳା ରୋଗ ହେବାର ଅଧିକ ସମ୍ଭାବନା ରହିଥାଏ ଏହାର ନିରାକରଣ ପାଇଁ ପ୍ରତି ୧୦ ଲିଟର ପାଣିରେ ୧ ଗ୍ରାମ ଷ୍ଟ୍ରେପଟୋସାଇକ୍ଲିନ ସହିତ ୩୦ ଗ୍ରାମ କପର ଅକ୍ସିକ୍ଲୋରାଇଡ ମିଶାଇ ସିଞ୍ଚନ କରନ୍ତୁ

**ପୋଟଳ :**

ପୋଟଳ ଫୁଲ ଧରିବା ଅବସ୍ଥାକୁ ଆସିବା ବେଳକୁ ଜମିକୁ ଘାସୁଆ ରଖାଯିବା ଉଚିତ । କାରଣ ଘାସ ଜମିର ଆଦ୍ରର୍ତା ବଜାୟ ରଖିବାରେ ସାହାଯ୍ୟ କରେ ।

ଚେରରେ ଲଗାଯାଇଥିବା ପୋଟଳରେ ଫୁଲ ପୂର୍ବରୁ କୋଡାଖୁସା କରି ଅନୁମୋଦିତ ପ୍ରଣାଳୀରେ ସାର ପ୍ରୟୋଗ କରି ଜଳସେଚନ କରନ୍ତୁ ।

**ଖରାଟିଆ ଚିନାବାଦାମ :**

ତାପମାତ୍ରା ବଢିବାର ସମ୍ଭାବନା ଥିବାରୁ ଜଳସେଚନ ର ସୁବିଧା କରନ୍ତୁ

ଏହି ସମୟରେ ଧବଳ ଭୃଙ୍ଗ ଓ ଉଈ ଲାଗିବାର ଅଧିକ ସମ୍ଭାବନା ରହିଛି ଏଥିପାଇଁ ଏହାର ଦମନ ପାଇଁ ଏକର ପ୍ରତି ୧୦ କିଗ୍ରା କ୍ଲୋରୋପାଇରିଫସ ଗୁଣ୍ଡ ଦାନାଦାର ବିଷ ପ୍ରୟୋଗ କରନ୍ତୁ

ଚିନାବାଦାମ ଫସଲରେ ଜେ କୌଣସି ପତ୍ରଖିଆ ପୋକର ଦମନ ପାଇଁ ପ୍ରତି ଲିଟର ପାଣିରେ ୨ ମିଲି ହିସାବରେ ଟ୍ରାଏଜୋଫସ ମିଶାଇ ପତ୍ରରେ ସିଞ୍ଚନ କରନ୍ତୁ

ଫୁଲ ଧରିବା ପରେ ଆଉ ମାଟିକୁ କୋଡ଼ାଖୁସା କରନ୍ତୁ ନାହିଁ କାରଣ ଏହି ସମୟ ଠାରୁ ଫୁଲ ଝାଉଁଳି ତାର ଓହଳ ଗୁଡିକ କ୍ରମେ ଭିତରକୁ ପ୍ରବେଶ କରି ଫଳ ଫଳେ

**ଗେଁଡୁଫୁଲ :**

ଗେଁଡୁ ପଛରେ ହେଲିକୋଭରପା ଓ ପତ୍ରସୁଡ଼ଙ୍ଗୀ ପୋକ ତଥା ଅଷ୍ଟପଦୀ ଲାଗିବାର ସମ୍ଭାବନା ରହିଛି ଏଥିପାଇଁ ଏକର ପ୍ରତି ୪୦୦ ମିଲି ଏଣ୍ଡୋସଲଫାନ ଓ ଅଷ୍ଟପଦୀ ଦମନ ପାଇଁ ଏକର ପ୍ରତି ୬୦୦ ମିଲି ଡାଇକୋଫଲ ସିଞ୍ଚନ କରନ୍ତୁ

**ସୂର୍ଯ୍ୟମୁଖୀ :**

ଭଲ ବିହନ ଭରିବା ପାଇଁ 2-3 ଗ୍ରାମ୍ ବୋରାକ୍ସ / ଲିଟର ପାଣି ପ୍ରୟୋଗ କରନ୍ତୁ | ଶୀଘ୍ର ବୁଣାଯାଇଥିବା ଫସଲ ଯେତେବେଳେ ମୁଣ୍ଡର ତଳ ପାର୍ଶ୍ୱ ହଳଦିଆ ହୋଇଯାଏ, ମୁଣ୍ଡ କାଟିବାକୁ ଯାଇ 4-5 ଦିନ ସୂର୍ଯ୍ୟ ତଳେ ଶୁଖାନ୍ତୁ | ଯଦି ଫଳ ବୋରର ଆକ୍ରମଣ ହୁଏ ତେବେ 200 ଲିଟର ପାଣିରେ ମିଶ୍ରିତ ବାୟୋଏନସେକ୍ଟିସାଇଡ୍ NPV @ 250 LE ସ୍ପ୍ରେ କରିବାକୁ ଯାଆନ୍ତୁ |

**ଭେଣ୍ଡି ଚାଷ :**

ଭେଣ୍ଡି ର ଉନ୍ନତ କିସମଗୁଡିକ ହେଉଛି ଆର୍କା ଅଭୟ ,ଉତ୍କଳ ଗୌରବ ,ଆର୍କା ଅନାମିକା ଏବୌଁ ପୁଷା –ଏ -୪

ଭେଣ୍ଡି ଗଛ ମଧ୍ୟରେ ଦୂରତା ୬୦ ସେମି *୩୦ ସେମି ରହିବା ଦରକାର

ଭେଣ୍ଡି ଲଗାଇବା ସମୟରେ ହେକ୍ଟର ପିଛା ୨୦ ଗାଡି ଭଲ ଶଢା ଗୋବର ଖତ ସହ ୮୦ କିଗ୍ରା ଯବକ୍ଷାରଜାନ ,୪୦ କିଗ୍ରା ଫସ୍ଫରସ ଏବୌଁ ପଟାସ ସାର ମୂଳସାର ହିସାବରେ ପ୍ରୟୋଗ କରନ୍ତୁ

**ଅମୃତଭଣ୍ଡା :**

ବର୍ତମାନ ସମୟ ଅମୃତଭଣ୍ଡା ଲଗାଇବାର ପ୍ରକୃଷ୍ଟ ସମୟ ଅଟେ ହନି ଡ୍ୟୁ କୁର୍ଜ୍ ହନି ଡ୍ୟୁ କୋଏମ୍ବାଟୁର -୧ କୋଏମ୍ବାଟୁର-୨ ପୂଷା ଡ଼େଲିସିୟସ ପୂଷା ମେଜେଷ୍ଟିକ ପୂଷା ଡ୍ୱାର୍ଫ ପୂଷା ଜାଏଣ୍ଟ ଆଦି କିସମ ଚୟନ କରନ୍ତୁ

୨.୫ ମି x ୨.୫ ମି ଦୂରତା ରେ ୦.୫x ୦.୫ ମିଟର ଗାତ କରି ଅମୃତଭଣ୍ଡା ଗଛ ଲଗାନ୍ତୁ

ଲଗାଇବା ବେଳେ ଗାତ ପ୍ରତି ୨ ଝୁଡି କମପୋଷ୍ଟ ଦେଇ ଲଗାନ୍ତୁ ଏହା ସହିତ ୪୦୦ ଗ୍ରାମ ସି ଏ ନ ୨୫୦ ଗ୍ରାମ ସୁପର ଓ ୩୦୦ ଗ୍ରାମ ଏମ ଓ ପି ସାର ପ୍ରୟୋଗ କରନ୍ତୁ

**ପ୍ରାଣୀ :**

ତାପମାତ୍ରା ବୃଦ୍ଧି ହେତୁ ପଶୁମାନଙ୍କୁ ସଫା ଏବଂ ପର୍ଯ୍ୟାପ୍ତ ପାନୀୟ ଜଳ ଯୋଗାଇଥାଏ | ପଶୁ ଶେଡରେ ପରିଷ୍କାର ପରିଚ୍ଛନ୍ନତା ବଜାୟ ରଖନ୍ତୁ | ଦିନର ଗରମ ସମୟରେ ପଶୁମାନଙ୍କୁ ଛାଡନ୍ତୁ ନାହିଁ |

କୃଷି କ୍ଷେତ୍ର ସହ ଜଡିତ ଯେକୌଣସି ସମସ୍ୟା ପାଇଁ ଟୋଲ ଫ୍ରି ନମ୍ବର ୧୫୫୧ କୁ ଡାଏଲ କରନ୍ତୁ।

ଉତ୍ତମ କୃଷି ଲାଭ ପାଇଁ, ଓୟୁଏଟି କଳିଙ୍ଗ ପ୍ରଡକ୍ଟସ୍ (ବିହନ, ସେପଲିଙ୍ଗ୍ ଏବଂ ଜେଡ୍ରିଏମ୍, ଟିସୁ ଚାଷ ଉଦ୍ଭିଦ, ଫଳ ଓ ପନିପରିବା, ମୂଲ୍ୟଯୁକ୍ତ ଉତ୍ପାଦ, ଫିଙ୍ଗରଲିଙ୍ଗ୍/ଇୟରଲିଙ୍ଗ୍, କୁକୁଡ଼ା ଛୁଆ, ପ୍ରଜନନ, ମହୁମାଛି ଓ ଛେଳି, ଜୈବସାର, ଜୈବ କୀଟନାଶକ, ଭେରିମି ଏବଂ ଭେରିକମ୍ପୋଷ୍ଟ ଏବଂ ଫାର୍ମ ଉପକରଣ)

ଆଇଏମଡିର ପାଣିପାଗ ପୂର୍ବାନୁମାନ ଏବଂ ଓଡ଼ିଶା ସ୍ଥିତିର କୃଷି ପାଣିପାଗ ପରାମର୍ଶଦାତା ବର୍ତ୍ତମାନ ମେଘଦୂତରେ ଉପଲବ୍ଧ

ଇଂରାଜୀ ଓ ଓଡ଼ିଆ ଭାଷାରେ ମୋବାଇଲ୍ ଆପ୍‌ଡାଉନଲୋଡ୍ କରିବା: (ଏଣ୍ଡ୍ରିଓଡ୍: ***https://play.google.com/store/apps/details?id_com.aas.meghdoot)***

**ବି : ଦ୍ରଷ୍ଟବ୍ୟ : ଓୟୁଏଟି ଶାଖା ଚିପଲିମା ଓ ଗମ୍ଭାରିପାଲି ବିହନ ଗବେଷଣା ଫାର୍ମ ଠାରେ ସ୍ୱର୍ଣ୍ଣ ଧାନ ବିହନ ୨୦ କିଗ୍ରା ବସ୍ତା ପିଛା ଟ. ୭୧୨ . ୪୦ ପଇସା ଚାଷୀ ନିମିତ୍ତ ବିକ୍ରି ହଉଅଛି |**

*ନୋଡାଲ ଅଫିସର, କିରେଇ*